୨୨ ଡ଼ିସେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

ଓ୍ୱହଦ୍ ଯୁଦ୍ଧରେ ଘଟିଥିବା ଘଟଣାବଳୀର ବିଶ୍ୱାସବର୍ଦ୍ଧକ ଆଲୋଚନା ଏବଂ ଫିଲିସ୍ତିନ୍‌ର ନିରୀହ ଲୋକମାନଙ୍କ ସକାଶେ ବିଶେଷ ଦୁଆ ଅବ୍ୟାହତ ରଖିବାର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ଓ୍ୱହଦ୍ ଯୁଦ୍ଧର ଘଟଣାଚକ୍ରର ଆଲୋଚନା ଚାଲିଥିଲା । ଯେପରିକି ଚର୍ଚ୍ଚା ହୋଇଥିଲା ସାଧାରଣ ଯୁଦ୍ଧରେ ମୁସଲମାନମାନଙ୍କ ଦ୍ୱାରା ଅମାନ୍ୟକାରୀଙ୍କର ଅନେକ କ୍ଷତି ଘଟିଥିଲା ଏବଂ ସେମାନେ ରଣକ୍ଷେତ୍ର ଛାଡ଼ି ପଳାୟନ କରିବାକୁ ବାଧ ହୋଇଥିଲେ । କିନ୍ତୁ ହଜୁର [ସ.ଅ]ଙ୍କ ତାଗିଦ୍ ପୂର୍ଣ୍ଣ ଆଦେଶ ସତ୍ୱେ ଯେତେବେଳେ ଗିରିପଥ (ଦର୍‌ରା)ରେ ମୁତୟନ ଥିବା ଅଧିକାଂଶ ମୁସଲମାନ ସେଠାରୁ ଚାଲି ଆସିଲେ । ସେତେବେଳେ ଶତ୍ରୁ ସେହି ମାର୍ଗରେ ମୁସଲମାନମାନଙ୍କ ଉପରେ ପାଲଟା ଆକ୍ରମଣ କରିଦେଲେ । ଫଳତଃ ମୁସଲମାନମାନଙ୍କୁ ଭୀଷଣ କ୍ଷତି ପହଞ୍ଚି ଥିଲା ।

ତାହାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଯେତେବେଳେ ଅମାନ୍ୟକାରୀଙ୍କ ଧ୍ୱଜାଧାରୀ ଜଣକ ପରେ ଜଣେ ମୃତ୍ୟୁ ବରଣ କରିଚାଲିଲେ ସେତେବେଳେ ସେମାନେ ପିଠି ଦେଖାଇ ପଳାୟନ କଲେ । ଯେତେବେଳେ ମୁସଲମାନମାନେ ଦେଖିଲେ କି ଅମାନ୍ୟକାରୀ ରଣକ୍ଷେତ୍ର ଛାଡ଼ି ପଳାୟନ କରୁଛନ୍ତି ସେତେବେଳେ ସେମାନେ ମାଲେଗନିମତ୍ (ଯୁଦ୍ଧ ବିଜିତ ସମ୍ପତ୍ତି) ଏକତ୍ରିତ କରିବାରେ ଲାଗି ପଡ଼ିଲେ । ସେତେବେଳେ ମୁସଲାମାନମାନଙ୍କ ଧର୍ନୁଧର ଦଳ ଯାହାଙ୍କୁ ହଜୁର[ସ.ଅ] ଗିରିପଥରେ ମୁତୟନ କରି ଆଦେଶ ଦେଇଥିଲେ କି କୌଣସି ମତେ ଉକ୍ତ ସ୍ଥାନ ଖାଲି କରିବ ନାହିଁ । କୁହାଯାଏ ଯେ, ମୁସଲମାନମାନଙ୍କ ଉକ୍ତ ଦଳଟି ମାଲେଗନିମତ୍ ଏକତ୍ରିତ କରିବା ସକାଶେ ନିଜ ସ୍ଥାନ ଛାଡ଼ିଦେଲେ । ହଜୁର [ସ.ଅ]ଙ୍କ ଦ୍ୱାରା ମନୋନୀତ ଦଳପତି ହଜରତ ଅବଦୁଲ୍ଲାଃ ବିନ୍ ଜୁବେର୍[ର.ଅ] ନିଜ ସାଥିମାନଙ୍କୁ ଏପରି କରିବାକୁ ବାରଣ କଲେ କିନ୍ତୁ ସେମାନେ ସେଠାରେ ଅଟକି ରହିଲେ ନାହିଁ ଏବଂ ତଳକୁ ଓହ୍ଲାଇ ଆସିଲେ । ସେହିସ୍ଥଳେ ହଜରତ ଅବଦୁଲ୍ଲାଃ ବିନ୍ ଜୁବେର୍ [ର.ଅ]ଙ୍କ ସାଥିରେ ଦଶଜଣରୁ ମଧ କମ୍ ସାହାବି ରହି ଯାଇଥିଲେ ।

ଅଧିକାଂଶ ଐତିହାସିକ ଓ ଜୀବନୀ ଲେଖାଳିମାନେ ଏହା ହିଁ ଲେଖିଛନ୍ତି ଯେ, ସେହି ସାଥିମାନେ ଯେ ଗିରିପଥ ଛାଡ଼ି ବାହାରିଗଲେ । ବାସ୍ତବରେ ସେମାନେ ମାଲେଗନିମତ୍ ଏକତ୍ରିତ କରିବା ଲୋଭରେ ଏପରି ହରକତ କରିଥିଲେ । ଏହିପରି ସୁରେ ଆଲେ ଇମ୍ରାନ୍‌ର ଆୟତ ସଂଖ୍ୟା ୧୫୩ର ବ୍ୟାଖ୍ୟାରେ ଏହା ଦର୍ଶାଇଛନ୍ତି ଯେ, ସାହାବା ମାଲେଗନିମତ୍ ଜମା କରିବା ଉଦ୍ଦେଶ୍ୟରେ ଏପରି ବ୍ୟଗ୍ରତା ପ୍ରଦର୍ଶନ କରିଥିଲେ । କିନ୍ତୁ ସାହାବାଗଣଙ୍କ ସମ୍ବନ୍ଧରେ ସାଂସାରିକ ଅଭିଳାଷା ଲାଭ କରିବା ଆଶାରେ ଦର୍‌ରା ଛାଡ଼ିବା କଥା ମନକୁ ପାଉ ନାହିଁ । ସେହି ସାହାବାଙ୍କ ସମ୍ବନ୍ଧରେ ଏପରି ଉକ୍ତି କହିବା ଅଥବା ଚିନ୍ତା କରିବା ମଧ ତାଙ୍କ ବୈଶିଷ୍ଟ୍ୟ ଓ ଉଚ୍ଚ-ଆସନରେ ଅଧିଷ୍ଠିତ ହେବାର

ବିପରୀତ । **ସେମାନେ ତ ନିଜ ସ୍ତ୍ରୀପିଲା, ଧନସମ୍ପତ୍ତି ଏପରିକି ନିଜ ଜୀବନ ଅର୍ଥାତ ନିଜର ସର୍ବସ୍ୱ ହଜୁର** [ସ.ଅ]**ଙ୍କ ପାଇଁ ଉତ୍ସର୍ଗ କରିଦେଇଥିଲେ ।** ଯୁଦ୍ଧ ବିଜୟ କରିବା ଅବସ୍ଥାରେ ମାଲେଗନିମତ୍ ପ୍ରାପ୍ତ ହୋଇଯିବା, ଗୋଟିଏ ଅତିରିକ୍ତ ପ୍ରସଙ୍ଗ ତ ହୋଇପାରେ କିନ୍ତୁ ସାହାବାଙ୍କ ମୂଳ ଉଦ୍ଦେଶ ମାଲେଗନିମତ୍ ହାସଲ କରିବା କଦାପି ନଥିଲା । ସୁତରାଂ ଯେତେବେଳେ ଦର୍ରା (ଗିରିପଥ)ରେ ଉପସ୍ଥିତ ଥିବା ସାହାବାମାନେ ଦେଖିଲେ କି ଅମାନ୍ୟକାରୀଙ୍କ ଉପରେ ମୁସଲମାନମାନେ ବିଜୟ ଲାଭକରି ସାରିଲେଣି ଏବଂ ସେମାନେ ଅମାନ୍ୟକାରୀଙ୍କୁ ଧରିବା ନିମନ୍ତେ ତାଙ୍କ ପଛ ଧରିଛନ୍ତି ସେତେବେଳେ ସେମାନେ ନିଜ ସାଥିଙ୍କର ସେହି ଆନନ୍ଦରେ ସାମିଲ ହେବା ନିମନ୍ତେ ଅଥୟ ହୋଇ ପଡ଼ିଲେ । ସମ୍ଭବତଃ ସେମାନଙ୍କ ମନରେ ଚିନ୍ତା ଉଙ୍କି ମାରିଥିବ କି ଆମ ଭାଇମାନେ ତ ସିଧାସଳଖ ଜିହାଦ୍‌ରେ ସାମିଲ ହୋଇଛନ୍ତି ଏବଂ ଆମେ ଏହି ଦର୍‌ରାକୁ ଜଗି ରହିଛୁ । ତେଣୁ ଚାଲ ଯୁଦ୍ଧର ଶେଷ ମୁହୂର୍ତ୍ତରେ ସାମିଲ ହୋଇ ତାଙ୍କ ସହିତ ବିଜୟର ଆନନ୍ଦରେ ଆନନ୍ଦ ଉପଭୋଗ କରିନେବା ।

ହଜରତ ମୁସଲେହ ମଉଦ[ର.ଅ] ସୁରେ ଆମେ ଇମ୍ରାନର ଆୟତ ସଂଖ୍ୟା ୧୫୩ର ବ୍ୟାଖ୍ୟା କରି ଏକ ବ୍ୟାପକ ନୋଟ ଲେଖିଥିଲେ ଯାହାକି ପ୍ରକାଶିତ ହୋଇ ନାହିଁ । ସେଥିରେ ଆପଣ ଉଲ୍ଲେଖ କରିଛନ୍ତି; ଅସଲ କଥା ଏହିକି ଯେ, ଦର୍‌ରାରେ ମୁତୟନ ଥିବା ସାହାବାମାନଙ୍କର ମଧ୍ୟ ଭୀଷଣ ଅଭିଳାଷ ଓ ଉଦ୍ଦିପନା ରହିଥିଲା କି ଆମେ ମଧ୍ୟ ଶତ୍ରୁର ମୁକାବିଲା କରନ୍ତୁ କି ତେବେ ଏହା ମଧ୍ୟ ଏକ ସାଂସାରିକ କାମନା ଥିଲା । କାରଣ ସେମାନେ ମଣୁ ଥିଲେ ଯେ, ଆମେମାନେ ଯୁଦ୍ଧରେ ସିଧାସଳଖ ସାମିଲ ନାହୁଁ । ଯେତେବେଳେ କି ସେମାନେ ହଜୁର [ସ.ଅ]ଙ୍କର ଆଦେଶ ପାଳନ କରିବା ଯୋଗୁଁ ଶତ୍ରୁର ମୁକାବିଲା କରିବାରୁ ପୃଥକ ରହିଥିଲେ । ଆଉ ଅଲ୍ଲାଃତାଲା କୁହନ୍ତି, ତୁମ ଉଚ୍ଚପଦସ୍ଥ ଅଧିକାରୀ ଓ ତାଙ୍କ ସାଥି ପରକାଳର ଅଭିଳାଷି । କିନ୍ତୁ ଏମାନଙ୍କ ଉଦ୍ଦେଶ୍ୟ (ଯୁଦ୍ଧ)ର ପ୍ରତିଫଳ ଓ ପରିଣାମ ଥିଲା, ସେମାନଙ୍କୁ ଜ୍ଞାତ ଥିଲା ଯେ, ଏହାର ପରିଣାମ ମଙ୍ଗଳପ୍ରଦ ହେବ ନାହିଁ । ତଥାପି ସେମାନଙ୍କ ଦୃଷ୍ଟି ଆବରଣ (ଖୋଳପା) ଉପରେ ହିଁ ରହିଥିଲା । **ଏହି ଅର୍ଥ ସାହାବାମାନଙ୍କର ଏଭଳି ଭବ୍ୟତାର ଅନୁକୂଳ ଥିଲା ଯାହାକି ସେମାନଙ୍କ କାର୍ଯ୍ୟ ଓ ବଳିଦାନ ଦ୍ୱାରା ପରିପ୍ରକାଶ ହେଉଅଛି ।**

ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ବର୍ଣ୍ଣନା କରନ୍ତି, ଏହିସ୍ଥଳେ ସଂସାରରୁ ଯଥାର୍ଥ ଯେଉଁ ଲୋକମାନେ ଲୁଟମାର ଓ ମାଲେଗନିମତ୍ ମଣୁଛନ୍ତି ତାହା ଠିକ୍ ନୁହେଁ । ସେମାନେ କ୍ଷଣସ୍ଥାୟୀ ବିଜୟ ମଧ୍ୟରେ ସିମୀତ ରହିଯାଇଥାନ୍ତି । ବାସ୍ତବରେ ଏଠାରେ ସଂସାର ଅର୍ଥ ଯେଉଁ ମାମଲା (ବିଜୟ) ପ୍ରଥମେ ପ୍ରକାଶ୍ୟ ହୋଇଥାଏ, ସେମାନଙ୍କ ଦୃଷ୍ଟି ସେଥି ମଧ୍ୟରେ ସିମୀତ ରହିଥିଲା । ଯେତେବେଳେ କି ଅବଦ୍ଦୁଲ୍ଲାଃ ବିନ୍ ଜୁବେର୍ [ର.ଅ]ଙ୍କର ଦୃଷ୍ଟି ପରକାଳ ଉପରେ କେନ୍ଦ୍ରିଭୂତ ରହିଥିଲା । **ଅର୍ଥାତ ସେ ହଜୁର [ସ.ଅ]ଙ୍କ ଆଜ୍ଞାବହତାରେ ସର୍ବଶ୍ରେଷ୍ଠ ବିଜୟକୁ ଅବଲୋକନ କରି ନେଇଥିଲେ ।**

ସେ ଯାହା ହେଉ ଗିରିପଥଟିକୁ ସାହାବାମାନେ ଖାଲି ଛାଡ଼ି ଚାଲି ଆସିଲେ ଏବଂ ଅବଦ୍ଦୁଲ୍ଲାଃ ବିନ୍ ଜୁବେର୍[ର.ଅ] ସେଠାରେ ନିଜର ଅଳ୍ପ କିଛି ସାଥିମାନଙ୍କ ସାଥିରେ ରହି ଯାଇଥିଲେ । ଅମାନ୍ୟକାରୀଙ୍କ ପଳାୟନକାରୀ ସୈନାରେ ଖାଲିଦ୍ ବିନ୍ ୱଲିଦ୍ ମଧ୍ୟ ସାମିଲ ଥିଲେ ଯେ ସେତେବେଳ ସୁଦ୍ଧା ବିଶ୍ୱାସ ଆଣି ନଥିଲେ । ସେ ଦର୍‌ରାକୁ ଖାଲି ଦେଖି ଅକରମା ବିନ୍ ଅବୁ ଜହଲ୍ ଓ ନିଜ ଅଶ୍ୱାରୋହୀ ଦଳକୁ ସାଥିରେ ନେଇ ଦର୍ରା ଉପରେ ଆକ୍ରମଣ କରିଦେଲେ । ଅମାନ୍ୟକାରୀଙ୍କର ଏହି ଆକ୍ରମଣ ଏଭଳି ଶକ୍ତ ଓ ତୀବ୍ରତର ଥିଲା ଯେ, ପ୍ରଥମ ପ୍ରହାରରେ ହିଁ ଦର୍ରାରେ ଉପସ୍ଥିତ ଥିବା ସାହାବାମାନେ ବୀରଗତି ପ୍ରାପ୍ତ କଲେ । ମୁସଲମାନମାନେ ଯେ ଏହି ଅତର୍କିତ ଆକ୍ରମଣରୁ ଅଜ୍ଞ ଓ ମାଲେଗନିମତ୍ ଏକତ୍ରିତ କରିବା ତଥା ଅମାନ୍ୟକାରୀଙ୍କୁ କଏଦ କରିବାରେ ମଗ୍ନ ଥିଲେ, ସେମାନେ ତାହାକୁ ସହ୍ୟ କରିପାରିଲେ ନାହିଁ । ଅମାନ୍ୟକାରୀଙ୍କ ହଠାତ୍ ଆକ୍ରମଣ ଦ୍ୱାରା ବିଚ୍ଛିନ୍ନ ହୋଇଗଲେ । ଆଉ ଯୁଦ୍ଧର ପଶାପାଲି ସଙ୍ଗେସଙ୍ଗେ ଓଲଟି ଗଲା । ଆଉ ପଳାୟନ କରୁଥିବା ଅମାନ୍ୟକାରୀ ଏହି ପରିବର୍ତ୍ତିତ ଅବସ୍ଥାକୁ ଦେଖି ଫେରି

ଆସିଲେ । ଏପରି ନିଜ ସମ୍ମୁଖ ଓ ପଶ୍ଚାତ ଉଭୟ ପାର୍ଶ୍ୱରୁ ଅମାନ୍ୟକାରୀମାନେ ମୁସଲମାନମାନଙ୍କୁ ଘେରି ନେଲେ । ମୁସଲମାନମାନଙ୍କ ଶୃଙ୍ଖଳା ଓ ରଣନୀତି ନଷ୍ଟଭ୍ରଷ୍ଟ ହୋଇଗଲା । ସେମାନେ ମାଲେଗନିମତ୍‌କୁ ଫିଙ୍ଗିଦେଲେ । ଏହି ଯୁଦ୍ଧରେ ହଜରତ ହମ୍‌ଜାଃ [ର.ଅ]ଙ୍କୁ ମଧ ବୀରଗତି ପ୍ରାପ୍ତ ହୋଇଥିଲା । ସେ ହଜୁର [ସ.ଅ]ଙ୍କ ସମ୍ମୁଖରେ ରହି ନିଜର ଦୁଇ ଖଣ୍ଡା ଏକକାଳିନ ଚାଳନ କରୁଥିଲେ । ସେ ଅତ୍ୟନ୍ତ ବିରତ୍ୱର ସହ କେତେବେଳେ ଆଗକୁ ବଢୁ ଥିଲେ ତ କେତେବେଳେ ପଛକୁ ହଟି ଯାଉଥିଲେ । ଇତି ମଧ୍ୟରେ ସେ ହଠାତ୍ ଖସୁଡ଼ି ଯାଇ ଭୂମିଷ୍ଟ ହେଲେ ଏବଂ ଜଣେ ହିଂସ୍ର ସ୍ୱଭାବି ନିଗ୍ରୋ ତାଙ୍କୁ ବର୍ଚ୍ଛା ମାରି ଶହିଦ୍ କରିଦେଲା ।

ହଜରତ ମିର୍ଜା ବଶିର ଅହେମଦ[ର.ଅ] ଉଲ୍ଲେଖ କରିଛନ୍ତି; ଯେତେବେଳେ ହଜୁର [ସ.ଅ]ଙ୍କୁ ହଜରତ ହମ୍‌ଜାଙ୍କର ଶହିଦ୍ ହେବାର ସୂଚନ ମିଳିଲା ସେତେବେଳେ ଆପଣଙ୍କୁ ବହୁତ ବଡ଼ ଧକ୍କା ଲାଗିଲା । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ତାଇଫ୍ ଯୁଦ୍ଧ ପରେ ଯେତବେଳେ ହଜରତ ହମ୍‌ଜାଙ୍କର ହତ୍ୟାକାରୀ ହଜୁର [ସ.ଅ]ଙ୍କ ସମ୍ମୁଖକୁ ଆସିଲା ସେତେବେଳେ ଆପଣ ତାହାକୁ କ୍ଷମା କରିଦେଲେ କିନ୍ତୁ ହଜରତ ହମ୍‌ଜାଙ୍କ ପ୍ରତି ରହିଥିବା ପ୍ରେମକୁ ସମ୍ମାନ ପ୍ରଦର୍ଶନ କରି କହିଲେ, ଏହି ବ୍ୟକ୍ତିକୁ କଦାପି ମୋ ସମ୍ମୁଖକୁ ଆଣିବ ନାହିଁ । ସେତେବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରତିଜ୍ଞା କରିଥିଲେ ଯେ, **ଯେଉଁ ହସ୍ତରେ ମୁଁ ହଜରତ ହମ୍‌ଜାଙ୍କର ବଧ କରିଛି ଯେପର୍ଯ୍ୟନ୍ତ ସେହି ହସ୍ତରେ ଇସଲାମ୍‌ର କୌଣସି ବଡ଼ ଶତ୍ରୁକୁ ହତ୍ୟା କରି ନାହିଁ ଶାନ୍ତିରେ ବସିବି ନାହିଁ ।** ଅତଏବ ହଜରତ ଅବୁବକର [ର.ଅ]ଙ୍କ ଖିଲାଫତ୍ କାଳରେ ସେ ୟମାମ ଯୁଦ୍ଧରେ ଅବତାରତ୍ୱର ମିଥ୍ୟା (ପ୍ରବଞ୍ଚକ) ଦାବିଦାର ମୁସେଲମାଃ କଜ୍ଜାବ୍‌କୁ ହତ୍ୟା କରି ନିଜ ପ୍ରତିଜ୍ଞା ପୂରଣ କରିଥିଲେ ।

ହଜରତ ହମ୍‌ଜାଙ୍କର ପବିତ୍ର ମର ଶରୀର ସହିତ ଅମାନ୍ୟକାରୀମାନେ ଅତି ଅସଭ୍ୟ ଆଚରଣ କରିଥିଲେ ଅର୍ଥାତ ଅତି ନିର୍ମମ ଭାବରେ ତାଙ୍କ ଅଙ୍ଗପ୍ରତ୍ୟଙ୍ଗକୁ କାଟି ଦେଇଥିଲେ । ସେହି ହୃଦୟବିଦାରକ ଦୃଶ୍ୟକୁ ଦେଖି ହଜୁର [ସ.ଅ]ଙ୍କୁ ବହୁତ କଷ୍ଟ ହୋଇଥିଲା । ହଜରତ ହମ୍‌ଜାଙ୍କ ଭଗିନୀ ହଜରତ ସଫିୟା ଜଣେ ମଜବୁତ୍ (ହୃଦୟ) ମହିଳା ଥିଲେ । ସେ ଯୁଦ୍ଧଶେଷ ହେବା ମୁହୂର୍ତ୍ତରେ ମଧ ବେଶ ତୀବ୍ରତାର ସହ ଆଗକୁ ଅଗ୍ରସର ହୋଇ ଚାଲିଥିଲେ । ଏପରିକି ଖୁବ୍ ନିକଟତର ଥିଲା ଯେ, ସେ ମୁସଲମାନମାନଙ୍କ ମରଶରୀର ସହ ହୋଇଥିବା ଅସାଦଚରଣକୁ ଦେଖି ନେଇଥାନ୍ତେ । ଯାହାକୁ ହଜୁର[ସ.ଅ] ପସନ୍ଦ କରୁ ନଥିଲେ କି କୌଣସି ମହିଳା ଏସବୁ ଦୃଶ୍ୟ ଦେଖନ୍ତୁ । ସୁତରାଂ ହଜୁର ତାଙ୍କୁ ଆଗକୁ ନବଢ଼ିବା ପାଇଁ ଆଦେଶ ଦେଲେ । ଅତଏବ ହଜରତ ସଫିୟାଙ୍କୁ ବାରଣ କରାଗଲା  କିନ୍ତୁ ସେ ଅଟକି ରହିଲେ ନାହିଁ, ଶେଷରେ ଯେତେବେଳେ ତାଙ୍କୁ କୁହାଗଲା କି ଏହା ହଜୁର [ସ.ଅ]ଙ୍କର ଆଦେଶ କି ଆପଣ ମରଶରୀର ଗୁଡ଼ିକୁ ଦେଖି ପାରିବେ ନାହିଁ ସେତେବେଳେ ସେ ଅଟକି ଗଲେ । ସେଠାରେ ଉପସ୍ଥିତ ଥିବା ସାହାବାଙ୍କୁ ଦୁଇଟି କପଡ଼ା ଦେଲେ ଆଉ କହିଲେ, ଏହା ମୁଁ ନିଜ ଭାଇ ହମ୍‌ଜା ପାଇଁ ଆଣିଛି । ମୋତେ ତାଙ୍କ ବୀରଗତି ପ୍ରାପ୍ତ ହେବାର ଖବର ମିଳି ସାରିଛି । ତେବେ ହଜରତ ସଫିୟା ନିଜ ଭ୍ରାତାଙ୍କ ମରଶରୀରକୁ ଦେଖିବାର ଇଛା ପ୍ରକାଶ କଲେ, ସାହାବାମାନେ ତାଙ୍କର ଏହି ମନବାଛା ହଜୁର [ସ.ଅ]ଙ୍କୁ ଜଣାଇବାରୁ ତାଙ୍କୁ ହଜୁର ଅନୁମତି ପ୍ରଦାନ କଲେ । ହଜରତ ସଫିୟା ନିଜ ଭାଇଙ୍କ ଛେଦ ହୋଇଥିବା ଶରୀରକୁ ଦେଖି ତାଙ୍କ ଚକ୍ଷୁରୁ ଅନବରତ ଅଶ୍ରୁଧାରା ବହି ଚାଲିଲା । ମହାମହିମ ହଜୁର ଅନୱ୍ୱର[ଅ.ବ] କହିଲେ; ପରବର୍ତ୍ତୀ ଘଟଣାବଳୀ ଇନ୍‌ସାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଅଧିକନ୍ତୁ ହଜୁର ଅନୱ୍ୱର[ଅ.ବ] କହିଲେ; ଯେପରିକି ମୁଁ ଫିଲିସ୍ତିନବାସୀଙ୍କ ପାଇଁ ଦୁଆ କରିବାକୁ କହିଥାଏ ଆଜି ମଧ କହୁଛି । ଦୁଆ କରିବେ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଅଲ୍ଲାଃତାଲା ସଂସାରବାସୀଙ୍କୁ ପ୍ରକୃତ ଶାନ୍ତି ପ୍ରଦାନ କରନ୍ତୁ । ଯଦିଚ କିଛି ସ୍ୱର ଏହା ବିରୁଦ୍ଧରେ ଉର୍ଦ୍ଧ୍ୱଗାମୀ ହେଉଅଛି, ଆଲୋଚନା ମଧ ହେଉଛି କି ନିରୀହ ଜନତାଙ୍କ ଉପରେ ଅନ୍ୟାୟ ଓ ଅତ୍ୟାଚାର ହେଉଛି । କିନ୍ତୁ ଏପରି ପ୍ରତୀତ ହେଉଛି କି ଇସ୍ରାଇଲ୍ ପ୍ରଶାସନକୁ ସଭିଏଁ ଭୟ କରୁଛନ୍ତି । ଅଥବା ପାଶ୍ଚାତ୍ୟ ଦେଶ ସ୍ୱଭାବଗତ ଭାବରେ ମୁସଲମାନମାନଙ୍କୁ ଘୃଣା କରୁଛନ୍ତି । ସେଥିପାଇଁ

ସେମାନେ ଚାହୁଁଛନ୍ତି କି ମୁସଲମାନମାନଙ୍କ ଉପରେ ଏହି ଅନ୍ୟାୟ ଅତ୍ୟାଚାର ଶେଷ ନହେଉ । ଅଥବା ଯେପରି ପ୍ରୟାସ କରିବା ଉଚିତ୍ ସେପରି ନହେଉ । ଏକଥା ପ୍ରତି ଲକ୍ଷ ନାହିଁ ଯେ, ନିରୀହ ମହିଳା, ବୃଦ୍ଧ ଓ ପିଲାମାନେ କିପରି ଅତ୍ୟାଚାରର ଶିକାର ହେଉଛନ୍ତି । ସେ ଯାହା ହେଉ ଆମେ ସେମାନଙ୍କ ଉପରେ ଏତେଟା ବିଶ୍ୱାସ କରି ପାରିବା ନାହିଁ । ତେଣୁ ଆମକୁ ନିଜର ପ୍ରୟାସ ଜାରି ରଖିବା ସହିତ ସେମାନଙ୍କୁ ବୁଝାଇବାକୁ ହେବ । ଏଥିସହିତ ଦୁଆ ମଧ୍ୟ ଅବ୍ୟାହତ ରଖିବାକୁ ହେବ । ମୁସଲମାନ ରାଷ୍ଟ୍ରମାନଙ୍କୁ ଅଲ୍ଲାଃତାଲା ସାହସ ପ୍ରଦାନ କରନ୍ତୁ କି ସେମାନେ ନିଜ ସ୍ୱରରେ ତୀବ୍ରତା ଉତ୍ପନ୍ନ କରନ୍ତୁ । **ବାସ୍ତବରେ ଏହି ଅନ୍ୟାୟ ବିରୁଦ୍ଧରେ ସଭିଏଁ ଏକ ହୋଇ ସ୍ୱର ଉତ୍ତୋଳନ କରିବା ଉଚିତ୍ ଏବଂ ତାହାକୁ ଶେଷ କରିବାକୁ ଚେଷ୍ଟା କରିବା ଉଚିତ୍ ।**

ପରିଶେଷରେ ହଜୁର ଅନୱର[ଅ.ବ] ଦୁଇଜଣ ମୃତକଙ୍କ ଜୀବନୀର ଉତ୍ତମ ଚରିତ୍ର ଚର୍ଚ୍ଚା କରି ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । **ପ୍ରଥମ ଜନାଯାଃ** ଶ୍ରୀମାନ ଶେଖ୍ ଅହେମଦ ହୁସେନ୍ ଅବୁ ସରଦାର ସାହେବ । ବିଗତ ଦିନରେ ଗାଜା ଉପରେ ଇସ୍ରାଇଲ୍‌ର ବୋମା ବର୍ଷଣ ଫଳରେ ଆମର ଏହି ଅହେମଦି ଭାଇ ଶହିଦ୍ ହୋଇଗଲେ । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ଗାଜାରେ ଶହିଦ୍ ହେବା ଅହେମଦିଙ୍କ ମଧ୍ୟରେ ସେ ପ୍ରଥମ । ସେତେବେଳେ ମୃତକଙ୍କୁ ୯୪ବର୍ଷ ବୟସ ହୋଇଥିଲା । ମୃତକ ଅଲ୍ ଅଜ୍‌ହର୍ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଥିଲେ । ୧୯୭୦ମସିହାରେ ସେ ଈଶ୍ୱରଙ୍କ ବିଧାନ ଅନ୍ତର୍ଗତ ବୈଅତ୍ କରି ଜମାଅତରେ ସାମିଲ ହୋଇଗଲେ । ମୃତକ ସଭିଙ୍କର ପ୍ରିୟ, ଖିଲାଫତ୍‌ର ଉତ୍ସର୍ଗୀ, ପବିତ୍ର କୁରଆନର ପ୍ରେମୀ ଓ ଜଣେ ନିଷ୍ପାପର ଅହେମଦି ବ୍ୟକ୍ତି ଥିଲେ । ଅବଶ୍ୟ ସେ ନିଃସନ୍ତାନ ଥିଲେ । ତାଙ୍କର ଦ୍ୱିତୀୟ ପତ୍ନୀ ଉକ୍ତ ଅଘଟଣ ସମୟରେ ତାଙ୍କ ସାଥିରେ ଥିଲେ, ଫଳତଃ ତାଙ୍କୁ ମଧ୍ୟ ଆଘାତ ଲାଗିଛି । ଅଲ୍ଲାଃତାଲା ବୈକୁଣ୍ଠରେ ମୃତକଙ୍କର ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ ଏବଂ ତାଙ୍କ ପତ୍ନୀଙ୍କୁ ସୁସ୍ଥ କରି ଦିଅନ୍ତୁ । ଅଲ୍ଲାଃତାଲା ଫିଲିସ୍ତିନ ବାସୀଙ୍କ ପକ୍ଷରେ ମଧ୍ୟ ଦୁଆ ସ୍ୱୀକାର କରନ୍ତୁ । ସେଠାରେ ଶାନ୍ତି ପ୍ରତିଷ୍ଠା କରିବା ସହିତ ଅଲ୍ଲାଃତାଲା ସେମାନଙ୍କୁ ହଜରତ ମସିହ ମଉଦ[ଅ.ସ]ଙ୍କୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

**ଦ୍ୱିତୀୟ ଜନାଯାଃ** ଶ୍ରୀମାନ ଉସମାନ୍ ଅହେମଦ ଗାକୁରୟା ସାହେବ କେନିଆ (ଆଫ୍ରିକା) ନିବାସୀଙ୍କର ଅଟେ । ବିଗତ ଦିନରେ ତାଙ୍କର ଦେହାନ୍ତ ଘଟିଛି । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ତାଙ୍କର ଜମାଅତୀୟ ସେବା ସୁଦୀର୍ଘ କାଳ ଅଟେ । ଯାହାକି ଅନେକ ଦଶକରେ ପର୍ଯ୍ୟବଶିତ । ଅନେକ ଜମାତୀୟ ପୁସ୍ତକର ସେ ସୱାହିଲି ଭାଷାରେ ଅନୁବାଦ କରିଛନ୍ତି । ମୃତକ ଜଣେ ନିଷ୍ପାପର, ଉତ୍ତମ ଚରିତ୍ରର ଅଧିକାରୀ, ନିୟମ ପାଳନକାରୀ, ତହଜୁଦ୍ ପାଠକାରୀ, ଚାନ୍ଦା ପ୍ରଦାନକାରୀ, ଅତିଥି ସତ୍କାରକ ବ୍ୟକ୍ତି ଥିଲେ । ତାଙ୍କର ସମସ୍ତ ସନ୍ତାନମାନେ ଭିନ୍ନ ଭିନ୍ନ ଜମାଅତୀୟ ସେବାରେ ମୁତୟନ ଅଛନ୍ତି । ପ୍ରିୟ ହଜୁର ଅନୱର ଉଭୟ ମୃତକଙ୍କର ବୈକୁଣ୍ଠରେ ସ୍ତର ଉର୍ଦ୍ଧ୍ୱଗାମୀ ହେବା ଓ ପ୍ରଭୁ ତାଙ୍କ ସହ କ୍ଷମା ଆଚରଣ କରିବା ପାଇଁ ଦୁଆ କଲେ ।

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।